

ସିଟି କଟକ

**କଟକରେ ପଥ ଉତ୍ସବର ଜଲ୍‌ୱା**

# ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଝୁମିଲେ ସହରବାସୀ







କଟକ, ୨୮ ।୪(ସମିସ)

ମନଲୋଭା ସଙ୍ଗୀତ ସାଙ୍ଗକୁ ଆକର୍ଷଣୀୟ କଳା-କୌଶଳ, ଚମତ୍କାର ସଂଳାପ ସହିତ ଡ୍ୟାନ୍ସିଂ ବିଟ୍‌ର ଗୁଞ୍ଜରଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ରାସ୍ତା ଉପରେ ଯୋଗ ଶିବିର, ଫିଟନେସ୍ ପ୍ରଦର୍ଶନ ଏବଂ ବିଭିନ୍ନ କ୍ରୀଡ଼ା କୌଶଳ ୪ଘଣ୍ଟା କାଳ ସମସ୍ତ ବର୍ଗର ଜନସାଧାରଣଙ୍କୁ ବାନ୍ଧି ରଖିଥିଲା । କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ଆଜି ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖସ୍ଥ ପଡ଼ିଆରେ ଆୟୋଜିତ ପଥ ଉତ୍ସବର ମୁଖ୍ୟ ଆକର୍ଷଣ ହୋଇଥିଲା । ଓଲିଉଡ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ନିତିକା ମିଶ୍ର, ସୁଭାଶିଷ ଶର୍ମା ଏବଂ ଶୁଭମଙ୍କ ଅଭିନୟ ସମସ୍ତ ଦର୍ଶକଙ୍କ ହୃଦୟକୁ ଛୁଇଁ ଯାଇଥିଲା । ଏଥି ସହ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା । ଏହାପରେ ଫେସ୍ ପେଣ୍ଟିଂ, ପାରମ୍ପରିକ ଖେଳ, କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ କର୍ମଶାଳା ମଧ୍ୟ ଏହି ଉତ୍ସବର ଅଂଶବିଶେଷ ଥିଲା । ଏହି ପ୍ରଦର୍ଶନୀଗୁଡ଼ିକ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କର କଳା ପ୍ରଦର୍ଶନ ପାଇଁ ଏକ ବଡ଼ ସୁଯୋଗ ଦେଇଥିଲା ।

- ବାରବାଟୀ ଷ୍ଟାଡିୟମ ରାସ୍ତାରେ ଜମିଲା କଳା, ସଂସ୍କୃତି ଓ ସ୍ୱାସ୍ଥ୍ୟର ମହାମିଳନ
- ଓଲିଉଡ କଳାକାରଙ୍କ ନୃତ୍ୟ ସାଙ୍ଗକୁ ମନ୍ତ୍ରମୁଗ୍ଧ କଲା ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଓ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଆଜି ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ ଏହି ପଥ ଉତ୍ସବର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସହରର ଏକ ପ୍ରମୁଖ ରାସ୍ତାକୁ ସଂସ୍କୃତି, ସ୍ୱାସ୍ଥ୍ୟ ଏବଂ ସାମାଜିକ ମିଳନର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଥିଲା । ସହରର ସବୁ ବର୍ଗର ନାଗରିକ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ । କଟକର ସମୃଦ୍ଧ କଳା ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହ ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ଗଠନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ମେୟର ସୁବାଷ ଚନ୍ଦ୍ର ସିଂ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ବିଧାୟିକା ସୋଫିଆ ଫିର୍ଦୋସ ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ବନ୍ଦିତା ଦାଶ ଏବଂ ଓଲିଉଡ କଳାକାର ଶ୍ରୀତମ ଦାସ, ଅରିନ୍ଦମ ରାୟ ଓ ବିଦୁସ୍ମିତା ଦାଶ ମନ୍ତ୍ରୀ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଅବସରରେ ଅତିଥିମାନେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶା ଗଠନରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ଓଡ଼ିଆ ଅସ୍ମିତାକୁ ନେଇ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ସାଧାରଣ ଜନତାଙ୍କ ପାଇଁ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ, କଟକରେ ୨୦୧୯ ମସିହା ନଭେମ୍ବର ୧୪ତାରିଖ ପ୍ରଥମ ଥର ପଥ ଉତ୍ସବର ଆୟୋଜନ କରାଯାଇଥିଲା । ଜିଲ୍ଲା ପ୍ରଶାସନ, ମହାନଗନିଗମ ଓ ସିଡିଏ କର୍ତ୍ତୃପକ୍ଷ ମିଳିତ ଭାବେ ବାଲିଯାତ୍ରାରେ ପଥ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହାପରେ ୨୦୨୦, ୨୦୨୧, ୨୦୨୨, ୨୦୨୩, ୨୦୨୪, ୨୦୨୫ ବର୍ଷ ଏହି ଉତ୍ସବର ଆୟୋଜନ କରାଯାଉଛି । ଚଳିତ ବର୍ଷର ପଥ ଉତ୍ସବ ଆଜି ଆୟୋଜନ କରାଯାଇଥିବା ବେଳେ ଆଗାମୀ ଦିନରେ ଏଭଳି ଉତ୍ସବର ଆୟୋଜନ କରାଯିବ ବୋଲି ଆଜି ଉତ୍ସବରେ ଘୋଷଣା କରାଯାଇଥିଲା ।

## ବ୍ରାଉନସୁଗର ବେପାରୀ ଗିରଫ

**କଟକ, ୨୮ ।୪(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଣେ ନିଶା ବେପାରୀକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ରବୀନ୍ଦ୍ର କୁମାର ବାରିକ(୩୪) । ମଙ୍ଗଳବାର ମଧ୍ୟାହ୍ନରେ ଅଭିଯୁକ୍ତ ଯୁବକ ନିଶାଦ୍ରବ୍ୟ ଧରି ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ଛକ ନିକଟରେ ଛିଡା ହୋଇଥିଲା । ଏହି ସୂଚନା ପାଇବାମାତ୍ରେ ଅବକାରୀ ଟିମ ସେଠାରେ ଚଢଉ କରି ଅଭିଯୁକ୍ତକୁ କାବୁ କରିଥିଲା । ତଲାସି ପରେ ତା' ପାଖରୁ ୯୨ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଯାହାର ମୂଲ୍ୟ ୯ ଲକ୍ଷ ୨୦ ହଜାର ଟଙ୍କା ହେବ । ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

**ଜିଲ୍ଲା ବିଜେଡି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ**

## ପ୍ରତିକୂଳ ପରିସ୍ଥିତି ସହ ସଂଘର୍ଷ କରି ଏକ ନମ୍ବର ହେବାର କଳା ହିଁ ମଧୁବାବୁଙ୍କ ଜୀବନୀ: ଦେବୀ ମିଶ୍ର

**କଟକ, ୨୮ ।୪(ସମିସ):** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମୁଖ୍ୟ ବିନ୍ଧାଣି ତଥା କୂଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଓ ଆଇନଜୀବୀ ଦିବସ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂଳଦୁଆ ଭାବେ ବର୍ଣ୍ଣନା କରି ଶ୍ରୀ ମିଶ୍ର କହିଲେ ଯେ, ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ସଂଘର୍ଷ କରି ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ଓକିଲ ଓ ବିଦେଶ ଯାତ୍ରୀ ଭାବେ ସେ ଯେଉଁ ସଫଳତା ପାଇଥିଲେ, ତାହା ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର



ସ୍ରୋତ । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ମଧୁବାବୁଙ୍କ 'ଆତ୍ମନିର୍ଭର ଓଡ଼ିଶା' ସ୍ୱପ୍ନ ଓ 'ଉତ୍କଳ ଟ୍ୟାନେରୀ' ପ୍ରତିଷ୍ଠା ମାଧ୍ୟମରେ କୁଟୀର ଶିଳ୍ପର ବିକାଶ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଶଶିଭୂଷଣ ବେହେରା ଓ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କଟକ କ୍ରିମିନାଲ ବାର୍ ଆସୋସିଏସନର ନବନିର୍ବାଚିତ ସଭାପତି ବାଦଲ ରାୟ, ସାଧାରଣ ସମ୍ପାଦକ ଗଦାଧର ସାହୁ ଆଇନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବି ଶଶିଭୂଷଣ ଦାସ, ରମାନାଥ ଆଚାର୍ଯ୍ୟ, ମନୋରଞ୍ଜନ ମିଶ୍ର, ନେପାଳ ଚନ୍ଦ୍ର ସାମନ୍ତଙ୍କ ସମେତ ୪୦ ଜଣ ବିଶିଷ୍ଟ ଆଇନଜୀବୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ତାପସ ମହାନ୍ତି, ଶିଶିର ପରିଜା, ସୟଦ ଏକରାମ ହୁସେନ, ଅନିତା ବେହେରା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଦେବେନ୍ଦ୍ର କାହାଳୀ, ଲାଲା ପ୍ରତାପ ରାୟ, ଅଭୟ ବେହେରା, ରାଜ କୁମାର ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଉପାଧ୍ୟକ୍ଷା ରଞ୍ଜିତା କାହାଳୀ ଧନ୍ୟବାଦ ଦେଇଥିଲେ ।

**ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

## ବିଶ୍ୱବିଦ୍ୟାଳୟ ପରିସର ହେବ 'ମଧୁ ବିହାର'

**କଟକ, ୨୮ ।୪(ସମିସ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଭି. ନରସିଂହ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭଲ ଭାବେ ପଢ଼ିବା ଦ୍ୱାରା ହିଁ ଭଲ ଲେଖିବା ଓ କହିବାର ଶକ୍ତି ବୃଦ୍ଧି ହୁଏ । ବିଦ୍ୟାର୍ଥୀଙ୍କୁ ଅନୁପ୍ରାଣିତ କରିବା ପାଇଁ ପାଠାଗାରରେ ମହାପୁରୁଷଙ୍କ ଜୀବନୀ ସ୍ଥାନିତ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ଶିବରାମ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶ୍ୱବିଦ୍ୟାଳୟ ପରିସରକୁ 'ପୁଷ୍ପଗିରି' ବଦଳରେ 'ମଧୁ ବିହାର' ନାମରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି । ବିଗତ ୫ ବର୍ଷ ହେବ ସମାବର୍ତ୍ତନ ଉତ୍ସବ ହୋଇ ନ ଥିବାରୁ ଆଗାମୀ ଦିନରେ ଏହା ଆୟୋଜନ କରିବା ସହ ନାକ୍ ମାନ୍ୟତାରେ ସୁଧାର, ପ୍ରାଧ୍ୟାପକ ନିଯୁକ୍ତି ଓ ବାର୍ କାଉନସିଲ୍ ପରିଦର୍ଶନ ପରି ଆହ୍ୱାନ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ କୁଳପତି ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ମହାଅଧିବକ୍ତା ସୂର୍ଯ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଆଇନ ବିଦ୍ୟାର୍ଥୀଙ୍କୁ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଉତ୍ସାହିତ କରିଥିଲେ । କୁଳସଚିବ ନିରୁପମା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିତ୍ତ ନିୟନ୍ତ୍ରକ ଚିତ୍ତରଞ୍ଜନ ନାୟକ ଓ ପରୀକ୍ଷା ନିୟନ୍ତ୍ରକ ଧିରେନ ଚାନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ସହରରେ ବିଭିନ୍ନ ସ୍ଥାନରେ ଆଇନଜୀବୀ ଦିବସ ଓ ମଧୁ ଜୟନ୍ତୀ**

# ମଧୁବାବୁଙ୍କ ଅବଦାନ ଉତ୍ତର ପିଢ଼ି ପାଇଁ ପ୍ରେରଣା

### କଟକ ଜିଲ୍ଲା ପ୍ରଶାସନ



**କଟକ, ୨୮ ।୪(ସମିସ):** ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠ ଓ ସେଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଓଡ଼ିଶା ଇତିହାସରେ ତାଙ୍କର ଅଭୁଲା ଛାପ, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଅଟଳ ସମର୍ପଣ ତଥା ଓଡ଼ିଶାର ପରିଚୟ ଏବଂ ବିକାଶ ପ୍ରତି ମଧୁସୂଦନ ଦାସଙ୍କ ଅବଦାନ ଉତ୍ତର ପିଢ଼ିକୁ ପ୍ରେରଣା ଦେଇ ଆସୁଛି । ଶିକ୍ଷା, ଶିଳ୍ପ ଏବଂ ସମାଜ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ଏକ ଇତିହାସ ବୋଲି ଜିଲ୍ଲାପାଳ ଏହି ଅବସରରେ ସମ୍ବୋଧନ କରିଥଲେ । ପରେ ନିକଟସ୍ଥ ମଧୁସୂଦନ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ଛକଠାରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥି ସହ ପଡ଼ିହାରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଥିଲା । ସେହିଭଳି ସମାଧିପୀଠରେ ଡ. ରବିରଞ୍ଜନ ସାହୁ, ପ୍ରଭାସ ଆଚାର୍ଯ୍ୟ, କିଶୋର ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟିକା ସୋଫିଆ ଫିର୍ଦୋସ ଏବଂ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀମାନେ ମାଲ୍ୟାର୍ପଣ କରି ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

### ହାଇକୋର୍ଟ ବାର୍



ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ସହିଦଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ମଧୁସୂଦନ ଦାସଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଆଇନଜୀବୀଙ୍କ କଲ୍ୟାଣ ନିମନ୍ତେ ସରକାର ଚେଷ୍ଟିତ ଅଛନ୍ତି । ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୧୫କୋଟି ଟଙ୍କାକୁ ବୃଦ୍ଧି ଓ ଆଇନଜୀବୀଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ପ୍ରସ୍ତାବ ଉପରେ ପଦକ୍ଷେପ ନିଆଯାଉଛି । ସେହିଭଳି ଆଡଭୋକେଟ ଏକାଡେମୀ କାର୍ଯ୍ୟ ଏହି ଆର୍ଥିକ ବର୍ଷରେ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଅତିଥିଭାବେ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଯୋଗଦେଇ ମଧୁବାବୁଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି କହିଥିଲେ । ଏହି ଅବସରରେ ବରିଷ୍ଠ ଆଇନଜୀବୀଙ୍କୁ ମଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଭାରେ ବାର ଉପ ସଭାପତି ପ୍ରଦୀପ ମହାପାତ୍ର ଓ ସମ୍ପାଦକ ହୃଦାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### କ୍ରିମିନାଲ କୋର୍ଟ ବାର୍




କ୍ରିମିନାଲ କୋର୍ଟସ ବାର ଆସୋସିଏସନ ପକ୍ଷରୁ ଏହାର ସଭାଗୃହରେ ଆଇନଜୀବୀ ଦିବସ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସଭା ବାରର ସଭାପତି ବାଦଲ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ ୧୬ ଜଣ ବରିଷ୍ଠ ଆଇନଜୀବୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ କଟକ ଜିଲ୍ଲା ଓ ଦୌରାଜଜ ମାନସ ରଞ୍ଜନ ବାରିକ, ହାଇକୋର୍ଟ ବାର ସଭାପତି ଲଲାଟେନ୍ଦୁ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଆଇନଜୀବୀ ଅକ୍ଷୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଅବକାରୀ ଆଇନର ଆଗାମୀ ଯୁବପିଢ଼ି ଉପରେ ପ୍ରଭାବ ଶୀର୍ଷକ ଆଲୋଚନାରେ କୃତିତ୍ୱ ଲାଭ କରିଥିବା କିରଣପ୍ରଭା କର, ହୀରା ଦାସ, ସତ୍ୱିକ ପଟ୍ଟନାୟକ, ସାଇସଙ୍ଗୀତା ରାୟ, ସୁଧାଂଶୁ ମହାପାତ୍ର, ସ୍ନିଗ୍ଧା ସଙ୍ଗୀତା ସାହୁ, ଶୁଭମ ମହାପାତ୍ର, ପ୍ରିୟଙ୍କା ବିହାରୀ ଓ ମନୋଜ ସାହୁଙ୍କୁ ମାନପତ୍ର, ଅବକାରୀ ନିୟମ ଉପରେ ପୁସ୍ତକ ଓ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ ସଭାରେ କ୍ରିମିନାଲ କୋର୍ଟସ ବାର ସମ୍ପାଦକ ଗଦାଧର ସାହୁ, ତାପସ ନାୟକ, ସମରେନ୍ଦ୍ର ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ସନ୍ଧ୍ୟାରାଣୀ ଦାସ, ବିଛନ୍ଦା ନାୟକ, ମାନସ ରଞ୍ଜନ ପୃଷ୍ଟି, ବିଜୟ ସାହୁ, ପ୍ରଦୀପ ମହାନ୍ତି ଉପସ୍ଥିତ ଥିଲେ । ଶେଷରେ ବିଶ୍ୱଜିତ ସାହୁ ଧନ୍ୟବାଦ ଦେଇଥିଲେ ।

### ଜିଲ୍ଲା ଆଇନଜୀବୀ ପ୍ରକୋଷ୍ଠ

ରେଭେନ୍ସା ବିଶ୍ୱବିଦ୍ୟାଳୟ 'ସେଭେନ୍ ପିଲାର' ପ୍ରେକ୍ଷାଳୟଠାରେ କଟକ ଜିଲ୍ଲା ଆଇନଜୀବୀ ପ୍ରକୋଷ୍ଠ ପକ୍ଷରୁ 'ଆଇନଜୀବୀ ଦିବସ' ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟତମ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଆଇନଜୀବୀ ମାନସ ରଞ୍ଜନ ମହାନ୍ତି ଓ ନିକୁଞ୍ଜ ଦେଓ ଯୋଗଦାନ କରିଥିଲେ ।




ଏହି ଅବସରରେ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଆଇନଜୀବୀ ସୁବରାଜ ଜେନା ଏବଂ ସେବା କ୍ଷେତ୍ରରେ ଡାକ୍ତର ଜ୍ୟୋତିର୍ମୟ ନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ସଭାରେ କଟକ ଜିଲ୍ଲା ଲିଗାଲ ସେଲର ଯୁଗ୍ମ ଆବାହକ ତଥା ସ୍ପେଶାଲ ପିପି ଶୁଭ ନାରାୟଣ ଦାସ, ଯୁଗ୍ମ ଆବାହକ ଶିବ ଶଙ୍କର ମହାନ୍ତି, ପ୍ରବୀର ରାୟ, ବିଶ୍ୱଜିତ ମହାରଣା, ବିଭୂପ୍ରସାଦ ନାୟକ, ଏପିପି ଦେବପ୍ରିୟ ପ୍ରଧାନ, ରଞ୍ଜନ ପରିଡ଼ା, ଆଦିତ୍ୟ ପରିଡ଼ା, କ୍ଷିତୀଶ ଜାଗତି, ତପନ କାମିଲା, ଦେବସ୍ମିତା ଦେବଦର୍ଶୀ, ସରସ୍ୱତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ କୁମାରୀ ପ୍ରଦ୍ୟୋତା ରାୟ ।

### ନିଖିଳ ଓଡ଼ିଶା ଆଇନଜୀବୀ ସଂଘ

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ (ଆଓଲା) ପକ୍ଷରୁ ଜାତିପ୍ରାଣ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ନେତୃତ୍ୱରେ ଆଜି ସକାଳୁ କଟକ ଗୋରାକବର ମଧୁବାବୁଙ୍କ ସମାଧି ପୀଠ ଓ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ଆଇନଜୀବୀ ପ୍ରତାପ କିଶୋରୀ ଦେଓ, ସୁଶାନ୍ତ ବରାଳ, ସଞ୍ଜୟ ଦାସ, ସପନ ପାଲ, ଆଶିଷ ମିଶ୍ର, ତ୍ରିଲୋଚନ ବରାଳ, ଅସିତ ଜେନା, ଜଗଦୀପ ସାହୁ, ଅଭିଜିତ୍ ଦାସ, ଗଣେଶ୍ୱର ବେହେରା, ମନୋରଞ୍ଜନ ପାଢ଼ୀ, ସରୋଜ ଆଚାର୍ଯ୍ୟ, ଆକାଶ ଭୂୟାଁ, ପୁରୁଷୋତ୍ତମ ଚୁଳି, ଜଗନ୍ନାଥ ମହାନ୍ତି, ସତ୍ୟ ଗୋପାଳ ପରିଜା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।



### ବନ୍ଦେ ଉତ୍କଳ ଅନୁଷ୍ଠାନ




ବନ୍ଦେ ଉତ୍କଳ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ବଙ୍ଗାଳିସାହି ସ୍ଥିତ ମା' ଶାରଳା ସଦନ ଠାରେ ଆଜି ସନ୍ଧ୍ୟାରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରଫେସର ଡ଼. ସୁଦର୍ଶନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଆୟକର ବିଭାଗର ବରିଷ୍ଠ ଅଧିକାରୀ ନିରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କୁ ଉତ୍କଳ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଆଇନଜୀବୀ ଜ୍ୟୋତିନ୍ଦ୍ରିୟ ମହାନ୍ତି, ବ୍ରଜ ଭୂଷଣ ସାହୁ, ଜୟଦେବ ମାଝୀ, ବେଦାନ୍ତ ବିଶାଳ ପ୍ରଧାନ, ହିତେଶ ତାଣ୍ଡି, ଚିନ୍ମୟ ନାୟକ, ପୃଥ୍ୱୀ ପ୍ରକାଶ ସେଠୀ, ମନୋଜ ସାହୁ, ସୁବ୍ରତ ମଲ୍ଲିକ, ସଂଗଠକ କୃଷ୍ଣଚନ୍ଦ୍ର ପ୍ରଧାନ, ଭୁବନାନନ୍ଦ ମହାନ୍ତି, ରାହୁଲ ବେହେରା, ଶୁଭମ ସାହୁ, ଭାବସ୍ମିତା ସ୍ୱାଇଁ, ଶ୍ରୀମାଳିନ ଦାସ, ଆନନ୍ଦ ସାଗର ପାତ୍ର ପ୍ରମୁଖ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଭାପତି ଶ୍ରୀ ଦାସ ମଧୁବାବୁଙ୍କ ମରଣୋତ୍ତର ଭାବେ ଭାରତରତ୍ନ ସମ୍ମାନ ମିଳିବା ପାଇଁ ଦାବି କରିଥିଲେ । ପୂର୍ଣ୍ଣଚନ୍ଦ୍ର ଛାଟୋଇ ଧନ୍ୟବାଦ ଦେଇଥିଲେ ।

### ରେଭେନ୍ସା କଲେଜିଏଟ୍ ସ୍କୁଲ ପୁରାତନ ଛାତ୍ର



ଓଡ଼ିଆ ଜାତିର ସ୍ପନ୍ଦନ, ସ୍ୱାଭିମାନର ପ୍ରତୀକ, କୁଳବୃଦ୍ଧ ତଥା ପୁରାତନ ଛାତ୍ର ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀରେ ରେଭେନ୍ସା କଲେଜିଏଟ୍ ସ୍କୁଲର ପୁରାତନ ଛାତ୍ର ଏବଂ ଶିକ୍ଷକମାନେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଉମାଶଙ୍କର ମିଶ୍ର, ମନୋଜ ମହାପାତ୍ର, ସଞ୍ଜୀବ ସାହୁ, ଦେବୀପ୍ରସନ୍ନ ମହାପାତ୍ର, ସୁପ୍ରଭା ମହାନ୍ତି, ବିଶ୍ୱଦତ୍ତ ମହାନ୍ତି, ବ୍ରଜବନ୍ଧୁ ମହାନ୍ତି ତଥା ଶିକ୍ଷକ ଦାଶରଥି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

## ଜିଲ୍ଲାରେ ବିଭିନ୍ନ ସ୍ଥାନରେ ମଧୁ ଜୟନ୍ତୀ ଉତ୍ସବ

# ମଧୁବାବୁ ଆଧୁନିକ ଓଡ଼ିଶାର ପ୍ରାଣ ପ୍ରତିଷ୍ଠାତା


































ତିଗିରିଆ,୨୮।୪(ସମିସ):

ତିଗିରିଆ ଓକିଲ ସଂଘ ସଭାଗୃହରେ ମଙ୍ଗଳବାର ଆଇନଜୀବୀ ଦିବସ ତଥା ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଉପସ୍ଥିତ ଆଇନଜୀବୀମାନେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିଜ ନିଜ ଅଭିଭାଷଣରେ ସମସ୍ତ ଆଇନଜୀବୀ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା, ଆଇନଜୀବୀଙ୍କ ନିମନ୍ତେ ଦିଗଦର୍ଶନ ତଥା ସେ ଓଡିଶାର ପ୍ରାଣ ପ୍ରତିଷ୍ଠାତା ଥିଲେ ବୋଲି ଆଲୋଚନା କରି ମଧୁବାବୁଙ୍କର ଆଦର୍ଶ ଓ ଜାତୀୟତାବାଦ ସମସ୍ତଙ୍କର ପ୍ରେରଣାର ଉତ୍ସ ହେଉବୋଲି ମତ ଦେଇଥିଲେ। ଆଇନଜୀବୀ ରମେଶଚନ୍ଦ୍ର ମାଝି, ଶଙ୍କର୍ଷଣ ମହାନ୍ତି, ଚନ୍ଦ୍ରମଣି ପଣ୍ଡା, ଲଳିତକୃଷ୍ଣ ଦାସ, ରଘୁନାଥ ଦାଶ, ତନ୍ମୟ ମିଶ୍ର ସହଯୋଗ କରିଥିଲେ। ସଂଘର ସମ୍ପାଦକ ତନ୍ମୟ କୁମାର ମିଶ୍ର ସଂଯୋଜନା କରିଥିଲେ।

### ଆଠଗଡ଼

ଆଠଗଡ଼ ମିଡିଆ ହାଉସ ପକ୍ଷରୁ ମଙ୍ଗଳବାର କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଆଠଗଡ଼ ବାର ଆସୋସିଏସନରେ କାର୍ଯ୍ୟରତ ମହିଳା ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହିଳା ଆଇନଜୀବୀଙ୍କ ମଧ୍ୟରେ ସନ୍ତୋଷୀ ଶ୍ରୀଚନ୍ଦନ ରାୟ, ଶ୍ୱେତା ପଦ୍ମାସିନୀ ଦାସ, ସୁଧାସ୍ମିତା ନନ୍ଦ, ସୁପ୍ରଭା ବୋରା, ପ୍ରତିମା ପଣ୍ଡା ଓ ଦୀପାଳୀ ଦାସଙ୍କୁ ଆଠଗଡ଼ ମିଡିଆ ହାଉସ ପକ୍ଷରୁ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ସମ୍ପାଦକ ଦିଲ୍ଲୀପ ଦାସ, ବରିଷ୍ଠ ସଦସ୍ୟ ଶୈଳେନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସ୍ୱରାଜ ମୁଣ୍ଡ, ଯୁଗ୍ମ ସମ୍ପାଦକ ମାନସ ସାହୁ, ମହେଶ୍ୱର ବେହେରା ଓ ସୋନାଲି କାଳିଆ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଆଠଗଡ଼ର ବରିଷ୍ଠ ଆଇନଜୀବୀ ତଥା ବାର ଆସୋସିଏସନର ପୂର୍ବତନ ସଭାପତି ପ୍ରାଣକୃଷ୍ଣ ଦାସ, ବାର ଆସୋସିଏସନର ନବ ନିର୍ବାଚିତ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, ଉପସଭାପତି ଶ୍ରୀନିବାସ ଦାସ, ଉପସଭାପତି ସୁବାସଚନ୍ଦ୍ର ସାହୁ, ବୈକୁଣ୍ଠ ଦାସ, ସୁଶାନ୍ତ ମିଶ୍ର, ପ୍ରସନ୍ନ ରାଉତ ଓ ଅନ୍ୟ ସମସ୍ତ ବରିଷ୍ଠ କନିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

### ନରସିଂହପୁର

ନରସିଂହପୁର ଅଦାଲତ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଦେୱାନୀ ବିଚାରପତି (କନିଷ୍ଠ) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସତ୍ୟନାରାୟଣ ଦାଶ ଯୋଗଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଶ୍ରୀ ଦାଶ ଓ ଆଇନଜୀବୀମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓକିଲ ସଂଘର ଉପସଭାପତି ନର ନାରାୟଣ ବାରିକ, ଅଶୋକ ଶତପଥୀ, ସହସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ, କୋଷାଧ୍ୟକ୍ଷ ସମିର ଦଳେଇ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ପ୍ରାକ୍ତନ ସଭାପତି ସରୋଜ ସାହୁ, ରବିନ୍ଦ୍ରନାଥ ସାହୁ, ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଗୋଲଖ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ନାଗରିକଙ୍କ ବାଇକ୍ ଶୋଭାଯାତ୍ରା

ଟାଙ୍ଗୀ: ଟାଙ୍ଗୀ ଚୌଦ୍ୱାର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ମଧୁ ଜୟନ୍ତୀ ପାଳନ ହେବା ସହ ଟାଙ୍ଗୀଠାରୁ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରା ଟାଙ୍ଗୀ, ଟିକରା, ଭଟ୍ଟିମୁଣ୍ଡା, ଗୋପୀନାଥପୁର ଦେଇ ସତ୍ୟଭାମାପୁରରେ ପହଞ୍ଚି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରିଷଦର ସଭାପତି ସୁରେନ୍ଦ୍ରନାଥ ସାମଲ, ସମ୍ପାଦକ ବିଜୟ ସାହୁ, ସ୍ମରଣିକା କମିଟି ଅଧ୍ୟକ୍ଷ ପ୍ରଭାକର ମହାନ୍ତି, ଉପସଭାପତି ଭୀମସେନ ମହାନ୍ତି, ନକୁଳ ରାଉତ, ଦେବେନ୍ଦ୍ର ନାୟକ, ରବିନ୍ଦ୍ର ଭୋଇ, ଗୋପାଳ ଦାସ, ଧନେଶ୍ୱର ସାହୁ, ଅରୁଣ ଖୁଣ୍ଟିଆ, ଅଶୋକ ପୃଷ୍ଟି ଓ ପ୍ରଭାତୀ ଜେନାଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

### ବାରଙ୍ଗ ଓକିଲ ସଂଘ

ତ୍ରିଶୂଳିଆ: ବାରଙ୍ଗ ଓକିଲ ସଂଘ ସଭାପତି ପ୍ରଭାତ ଲେଙ୍କାଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁବ୍ରତ ମହାପାତ୍ରଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେଇଥିଲେ। ଏହି ଅବସରରେ ବାରଙ୍ଗରେ ଜେଏମଏଫସି ସ୍ଥାୟୀ ବାର୍ ପ୍ରତିଷ୍ଠା, ସ୍ଥାନୀୟ ଅଞ୍ଚଳକୁ ମଦ ଓ ନିଶା ମୁକ୍ତ କରିବା ଏବଂ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର-ପ୍ରସାର ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଆଇନଜୀବୀମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବାକୁ ପ୍ରଶାସନ ନିକଟରେ ଦାବି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ମଲ୍ଲିକ, ବିଜୟ ବସ୍ତିଆ, ସୁବର୍ଣ୍ଣ କେଶରୀ ପଣ୍ଡା ଓ ପିଙ୍କି ଜେନାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଡ୍ରିମ୍‌ସ

କଟକ: ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପୌରହିତ୍ୟ କରିଥିଲେ। ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ଡା. ଦୁର୍ଗା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଦିଲ୍ଲୀପ ମଲ୍ଲିକ, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ସୁଦର୍ଶନ ସାହୁ, ମୃତ୍ୟୁଞ୍ଜୟ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଯୋଗ ଦେଇଥିଲେ। ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ମାହାଙ୍ଗା ବିକାଶ ପରିଷଦ

ନିଶ୍ଚିନ୍ତକୋଇଲି: ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଏକ ଆଇନଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବାର୍ ଆସୋସିଏସନ୍ ସଭାପତି ବିକ୍ରମ କେଶରୀ ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ପରିଷଦର ଅଧ୍ୟକ୍ଷ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ କଟକ କ୍ରିମିନାଲ୍ ବାର୍ ଆସୋସିଏସନ୍ ସଭାପତି ବାଦଲଚନ୍ଦ୍ର ରାୟ ଓ ସମ୍ମାନିତ ଅତିଥିଭାବେ ସମ୍ପାଦକ ଗଦାଧର ସାହୁଙ୍କ ସମେତ ବହୁ ବିଶିଷ୍ଟ ଆଇନଜୀବୀ ଯୋଗ ଦେଇଥିଲେ। ଶତାଧିକ ଆଇନଜୀବୀଙ୍କୁ ପରିଷଦ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ଉତ୍କଳ ଗୌରବ କରାଟେ ଏକାଡେମୀ

ସାଲେପୁର: ସାଲେପୁର ବ୍ଲକ ପାଗା ହାଟ ନିକଟସ୍ଥ ବିଦ୍ୟାଳୟ ପରିସରରେ ଉତ୍କଳ ଗୌରବ କରାଟେ ଏକାଡେମୀର ୧୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶ୍ରୀମନ୍ତ ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ମିଲିରାଣୀ ବୋଷ ଓ ପାଗା ଫାଣ୍ଡି ଏଏସଆଇ ଦେବାଶିଷ ଶୁକ୍ଳା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ 'ଡାକ୍ତର ଶୁଶୋଭନ ଘୋଷ ସ୍ମୃତି ସମ୍ମାନ' ପ୍ରଦାନ କରାଯିବା ସହ ବିଶିଷ୍ଟ ସମାଜସେବୀ ଅଜୟ କୁମାର ସିଙ୍ଘଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପୂର୍ବତନ ସରପଞ୍ଚ ଗଗନ ବିହାରୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଆଡଭୋକେଟ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ। ସୁଶାନ୍ତ ପଢ଼ିହାରୀ ଓ ଭଗବାନ ମହାନ୍ତିଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଚୌଦ୍ୱାର

ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ବେଦପାଠ ଓ ସମୂହ ପ୍ରାର୍ଥନା କରାଯାଇଥିବା ବେଳେ ଚୌଦ୍ୱାର ପ୍ରେସ କ୍ଲବ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ଟାଙ୍ଗୀ-ଚୌଦ୍ୱାର ଆଇନଜୀବୀ ସଂଘ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂସଦର ଯୁଗ୍ମ ସମ୍ପାଦିକା ସରିତା ଦାସ ଓ ସହ ସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ଟେଟ୍ରାହେଡ୍ରନ୍ ପକ୍ଷରୁ ମଧୁ ଜୟନ୍ତୀ

ଟାଙ୍ଗୀ: ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀଠାରେ ଅବସ୍ଥିତ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଆନୁକୂଲ୍ୟରେ ଓ ମଧୁପ୍ରେମୀଙ୍କ ସହଯୋଗରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ସତ୍ୟଭାମାପୁରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବିଷ୍ଣୁଚରଣ ଦାସ, ସାମାଜିକ କର୍ମୀ ଅମୂଲ୍ୟ ବେଉରା, ଆକାଶ ପାତ୍ର, ଟାଙ୍ଗୀ ମଣ୍ଡଳ ସଭାପତି ହୃଷୀକେଶ ସାମଲ, ରାମେଶ୍ୱର ମଣ୍ଡଳ ସଭାନେତ୍ରୀ ସଙ୍ଗୀତା ଜେନା, ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁ, ମିହିର ସାହୁ, ବିଶ୍ୱଜିତ ଆଞ୍ଚଲଙ୍କ ସମେତ ଶତାଧିକ ମଧୁପ୍ରେମୀ ଯୋଗଦେଇଥିଲେ।

### ସାଲେପୁର

ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସାଲେପୁର କୁଆଁପାଳରୋଡ୍, ମଧୁମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ସଂଘର ସଂପାଦକ ହୃଷୀକେଶ ମଲ୍ଲିକ, କାର୍ଯ୍ୟାଳୟ ସଂପାଦକ ହେମନ୍ତ ଭୂୟାଁ, ବରିଷ୍ଠ ସଦସ୍ୟ ସାମ୍ବାଦିକ ମନୋଜ ମହାନ୍ତି, ପ୍ରତ୍ୟୁଷ ମହାନ୍ତି, ପ୍ରଦୀପ୍ତ କର, ସତ୍ୟଶିବ ସୁନ୍ଦର କର, ବ୍ୟବସାୟୀ ବିଘ୍ନେଶ୍ୱର ସାହୁ, ଅଜୟ ଜେନାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ସଂପାଦକ ଅଶ୍ୱିନୀ କୁମାର ଦାସ, ଉପସଭାପତି ପୂର୍ଣ୍ଣିମା ବସ୍ତିଆ, ଆଜମଲ ଖାଁ, ବିନୀତ ରଞ୍ଜନ ବିଶ୍ୱାଳ, ସନ୍ତୋଷ ଭୂୟାଁ, ପ୍ରଭାକର ଦାସ, କୈଳାସ କର, ଧର୍ମବୀର ଦାସ, ଗୋପବନ୍ଧୁ ଭୂୟାଁ, ଦେବାଶିଷ ସେଠୀଙ୍କ ସମେତ ବହୁ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲ୍ଲିକ, ଆଚାର୍ଯ୍ୟା ଅଳକା ଦଳାଇ, ଅନ୍ନପୂର୍ଣ୍ଣା ସ୍ୱାଇଁ, ଆଚାର୍ଯ୍ୟ ନିକୁଞ୍ଜ ସାହୁ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଦେବେନ୍ଦ୍ର ନାୟକ ମଞ୍ଚ ସଂଯୋଜନା କରିଥିବାବେଳେ ସମସ୍ତ ଗୁରୁଜୀ ଗୁରୁମା ଭକ୍ତିଅର୍ଘ୍ୟ ପ୍ରଦାନ କରିଥିଲେ।

## ଏକାଧିକ ପ୍ରକଳ୍ପର ଶିଳାନ୍ୟାସ



ନରସିଂହପୁର,୨୮।୪(ସମିସ): ନରସିଂହପୁର ବ୍ଲକ ସଦର ମହକୁମା ଅଞ୍ଚଳରେ ବହୁ ପ୍ରତୀକ୍ଷିତ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଶିଳାନ୍ୟାସ ସୋମବାର ସମ୍ପନ୍ନ ହୋଇଯାଇଛି। କଟକ ସାଂସଦ ଭର୍ତ୍ତୃହରି ମହତାବ ଏଥିରେ ମୁଖ୍ୟଅତିଥି ଭାବେ ଏକ ନୂତନ ପାଠାଗାର, ନରସିଂହପୁର ଡାକ୍ତରଖାନା ପରିସରରେ ଶବ ବ୍ୟବଚ୍ଛେଦ କକ୍ଷ ଏବଂ ହନୁମାନ୍ତିଆ ପୋଖରୀର ଉନ୍ନତିକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନରସିଂହପୁର ବିଡିଓ ପ୍ରଳୟାନନ୍ଦ ଶତପଥୀ, ତହସିଲଦାର ଅମ୍ରିତା ସାହୁ ଏବଂ ବିଜେପି ଜିଲ୍ଲା (ଗ୍ରାମୀଣ) ସଭାପତି ରାମନାରାୟଣ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜେପି ନେତା ବିଜୁଦତ୍ତ ପଟ୍ଟନାୟକ, ରାଜକିଶୋର ସାହୁ, ସରୋଜ ସାହୁ ଓ ସମିତିସଭ୍ୟ ମନୋଜ ପଣ୍ଡା ଏହି ପ୍ରକଳ୍ପଗୁଡ଼ିକ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ଦୂର କରିବ ବୋଲି ମତ ବ୍ୟକ୍ତ କରିଥିଲେ।

## ୪ଟି ମାଟି ବୋଝେଇ ହାଇୱା ଜବତ



ଆଠଗଡ,୨୮।୪(ସମିସ): ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ଠିକାସଂସ୍ଥା ବେଆଇନ ଭାବେ ମାଟି ଖୋଳିବା ଅଭିଯୋଗରେ ତହସିଲ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ସଂସ୍ଥା ସଂରକ୍ଷିତ ଜଙ୍ଗଲ ଓ ରାଜସ୍ୱ ଜମିରୁ ବେଆଇନ ଭାବେ ମାଟି ଉଠାଉଥିବା ବେଳେ ତହସିଲ ପକ୍ଷରୁ ଚଢ଼ଉ କରାଯାଇ ୪ଟି ମାଟି ବୋଝେଇ ହାଇୱା ଗାଡ଼ିକୁ ଜବତ କରାଯାଇଛି। ଗୁରୁଡ଼ିଝାଟିଆ ପୁଲିସ ପକ୍ଷରୁ ପୂର୍ବରୁ ବାରମ୍ବାର ତାଗିଦ୍ କରାଯାଇଥିଲେ ହେଁ ଠିକା ସଂସ୍ଥା ଏହାକୁ କର୍ଣ୍ଣପାତ କରୁ ନ ଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଆଠଗଡ଼ ତହସିଲ ଓ ଖଣି ବିଭାଗ ଏକାଧିକ ବାର ଗାଡ଼ି ଜବତ କରି ସାରିଛନ୍ତି। ଜଙ୍ଗଲ ମଧ୍ୟରେ ଅନେକ ମାଟି ବୋଝେଇ ଗାଡ଼ି ଲୁଚି ରହିଥିବାରୁ ତହସିଲ ପ୍ରଶାସନ ପକ୍ଷରୁ ଏବେ ବି ଖୋଳତାଡ଼ ଜାରି ରହିଛି।



## ମୁକ୍ତେଶ୍ୱର ମହାଦେବ ଓ ହନୁମାନଜୀଉଙ୍କ ବାର୍ଷିକ ଉତ୍ସବ

କଟକ,୨୮।୪(ସମିସ): କମଳପୁର ପାଲାମଣ୍ଡପସ୍ଥିତ ଶ୍ରୀ ଶ୍ରୀ ମୁକ୍ତେଶ୍ୱର ମହାଦେବ ଓ ହନୁମାନଜୀଉଙ୍କ ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୦ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ତିନି ଦିନ ଧରି ଯଜ୍ଞ ଓ ଲଉଡି ଖେଳ ଆଦି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କମଳପୁର ସାହି ଅଧିକାରୀ ଅଜୟ ବେହେରା, ମହନ୍ତ ସୁବୋଧ ନାୟକ, କଟୁଆଳ ଦିଲୀପ ଜେନାଙ୍କ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକା ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ଟାଙ୍ଗୀ,୨୮।୪(ସମିସ): ଜଣେ ନାବାଳିକୁ ପ୍ରେମ ଜାଲରେ ଫସାଇ ସମ୍ପର୍କ ସୃଷ୍ଟି କରିବା ଓ ଭୟଭୀତ କରାଇ ଶାରିରୀକ ସମ୍ବନ୍ଧ ରଖିବା ଅଭିଯୋଗରେ ଟାଙ୍ଗୀ ପୁଲିସ ଜଣେ ଯୁବକକୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଟାଙ୍ଗୀ ଥାନା ନପଙ୍ଗ ପଞ୍ଚାୟତ ଇଟୁଆ ଗ୍ରାମର ପ୍ରଶାନ୍ତ ମଲ୍ଲିକ(୩୦)। ଥାନା କେସ୍ ନଂ-୨୧୮, ଦଫା ୬୫(୧),୩୫୧(୨),୭୫ ଭାରତୀୟ ନ୍ୟାୟ ସଂହିତ ଓ ପୋସ୍କୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି।

## ମା' ଖଣ୍ଡୁଆଳୀଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ

ତିଗିରିଆ,୨୮।୪(ସମିସ):



ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତ କଣ୍ଡିପୁର ଗ୍ରାମରେ ଆରାଧ୍ୟ ଦେବୀ ମା' ଖଣ୍ଡୁଆଳୀଙ୍କ ପ୍ରସିଦ୍ଧ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ପରି ବୈଶାଖ ତ୍ରୟୋଦଶୀ ତିଥିରେ ଆରମ୍ଭ ହୋଇଥିବା ଏହି ଯାତ୍ରା ବୁଦ୍ଧ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଯାତ୍ରାର ପ୍ରଥମ ଦିବସରେ ଶତାଧିକ ମାନସିକଧାରୀ ନିକଟସ୍ଥ ଗନ୍ଧର୍ପ ନଦୀରୁ ଜଳ ନେଇ ଏକ ବିଶାଳ କଳସ ଶୋଭାଯାତ୍ରାରେ ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ, ଦ୍ୱିତୀୟ ଦିନରେ ମା'ଙ୍କ ବିଗ୍ରହ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରିବା ସହ ଲୋକଙ୍କଠାରୁ ଭୋଗ ଗ୍ରହଣ କରିବେ। ଆସନ୍ତା ମେ' ୧ ତାରିଖରେ ଯାତ୍ରାର ଅନ୍ତିମ ଦିନରେ ମା'ଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହେବ। ଏହି ଦିନ ମାନସିକଧାରୀମାନେ ନିଆଁ ଉପରେ ଚାଲିବାର ପରମ୍ପରା ରହିଛି। ଯାତ୍ରା ପାଇଁ ଗ୍ରାମର ବିଭିନ୍ନ ସାହିରେ ଆକର୍ଷଣୀୟ ମେଢ଼ ଓ ତୋରଣ ନିର୍ମାଣ କରାଯାଇଛି। ଏହି ଅବସରରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବା ବେଳେ ଶେଷ ଦିନରେ ମହାବୀର ୟୁଥ୍ କ୍ଲବ ପକ୍ଷରୁ ସାମାଜିକ ନାଟକ "କେତେ ଦୁଃଖ ଦବୁ କହରେ ଦଇବ' ମଞ୍ଚସ୍ଥ ହେବ। ଆସନ୍ତା ୨ ତାରିଖରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଗ୍ରାମ ସଭାପତି ପ୍ରବୋଧ କୁମାର ଗୋଛି ଓ ସମ୍ପାଦକ ବିଶ୍ୱଜିତ ନାୟକ ସୂଚନା ଦେଇଛନ୍ତି।

## ଜନ ଆକ୍ରୋଶ ମହିଳା ସମାବେଶ

ନରସିଂହପୁର,୨୮।୪(ସମିସ): ନରସିଂହପୁର ବ୍ଲକ କ୍ଲବ ଛକ ନିକଟରେ ସୋମବାର ସନ୍ଧ୍ୟାରେ ବିଜେପି ସାଂଗଠନିକ ଜିଲ୍ଲା ପକ୍ଷରୁ ଏକ "ଜନ ଆକ୍ରୋଶ ମହିଳା ସମାବେଶ' ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବହୁ ସଂଖ୍ୟାରେ ମହିଳା କର୍ମୀ ଓ ନେତ୍ରୀମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ ଯୋଗଦେଇ ପୁରୁଷ ପ୍ରଧାନ ମାନସିକତା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ କେବଳ ମୋଦୀ ସରକାର ହିଁ ମହିଳାଙ୍କୁ ଉଚିତ୍ ସମ୍ମାନ ଦେଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସମାବେଶରେ ମହିଳା ନେତ୍ରୀ ସ୍ୱାଗତା ପଟ୍ଟନାୟକ, ଜିଲ୍ଲା ଗ୍ରାମୀଣ ଉପସଭାପତି ମମତା ନାୟକ, ହେମମଞ୍ଜରୀ ଭଞ୍ଜ, ସଙ୍ଗୀତା ଜେନା ଓ ସନ୍ଧ୍ୟାରାଣୀ ହୋତା ପ୍ରମୁଖ ଉପସ୍ଥିତ ରହି ବିରୋଧୀ ଦଳଗୁଡ଼ିକର ମହିଳା ବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ



କନ୍ଦରପୁର,୨୮।୪(ସମିସ): କନ୍ଦରପୁର ଥାନା ଅନ୍ତର୍ଗତ କେଶପୁର ଗ୍ରାମରେ ସର୍ପାଘାତରେ ଗୋପୀନାଥ ବେହେରା (୫୮)ଙ୍କ ମୃତ୍ୟୁ ଘଟିଛି। ଗତ ରବିବାର ଗୋପୀନାଥ ନିଜର ନୂଆ ଘର ନିର୍ମାଣ ପାଇଁ ନିଅଁ ଖୋଳୁଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ସେ ତାଳଦଣ୍ଡା କେନାଲରେ ଗୋଡ଼ହାତ ଧୋଇ ସାରିବା ପରେ ପାଶ୍ୱର୍ରେ ରଖିଥିବା କୋଦାଳ ଓ ଶାବଳକୁ ଉଠାଇବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ କେଶପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ନାବାଳିକାକୁ ଦୁଷ୍କର୍ମ; ଜଣେ ଗିରଫ

ଚୌଦ୍ୱାର,୨୮।୪(ସମିସ): ଜଣେ ୧୧ ବର୍ଷୀୟା ନାବାଳିକା ସହିତ ବାରମ୍ବାର ଅନୈତିକ ସମ୍ପର୍କ ରଖିବା ଓ ଦୁଷ୍କର୍ମ କରିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଡାଳିଯୋଡ଼ା ବ୍ରହ୍ମପୁର ଗ୍ରାମର ପ୍ରଦ୍ୟୁମ୍ନ ତ୍ରିପାଠୀ ଓରଫ ଭାଲୁ (୫୧)। ଅଭିଯୁକ୍ତ ଭାଲୁ ପୀଡ଼ିତା ନାବାଳିକାର ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ବିଗତ ଦୀର୍ଘ ୪ ମାସ ଧରି ପୀଡିତା ସହିତ ବହୁବାର ଅନିୟମିତ କାର୍ଯ୍ୟ କରିଥିଲେ। ଗତ କିଛିଦିନ ତଳେ ପୀଡ଼ିତାଙ୍କ ମା' ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ନିଖୋଜ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ନିଶ୍ଚିନ୍ତକୋଇଲି,୨୮।୪(ସମିସ): ଚିତ୍ରୋତ୍ପଳା ନଦୀରେ ଜନାର୍ଦ୍ଦନପୁର-କୋଲଣପୁର ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି। ମାହାଙ୍ଗା ବ୍ଲକ ଆଲୁନଟା ଗ୍ରାମର ଗଣେଶ୍ୱର ପ୍ରଧାନ ସୋମବାର ମଧ୍ୟାହ୍ନ ୧୨ଟାରେ ପିଲାର ଉପରୁ ଖସିଯାଇ ନଦୀରେ ବୁଡି ନିଖୋଜ ହୋଇଥିଲେ। ମଙ୍ଗଳବାର ସକାଳେ ତାଙ୍କର ମୃତଦେହ ଭାସି ଭାସି ଆସି କେନ୍ଦୁପାଟଣା ନିକଟରେ ଲାଗିଥିଲା । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲା। ପୋଲ ନିର୍ମାଣ କରୁଥିବା ନାରାୟଣୀ ଦାସ କନଷ୍ଟ୍ରକସନ କମ୍ପାନୀର ବେପରୁଆ କାର୍ଯ୍ୟ ପାଇଁ ବିନା ସୁରକ୍ଷାରେ ଏବଂ ମଧ୍ୟାହ୍ନ ୧୨ଟା ସମୟରେ କାର୍ଯ୍ୟରେ ନିୟୋଜିତ କରି ସରକାରଙ୍କର ଶ୍ରମ ଆଇନକୁ ଉଲ୍ଲଙ୍ଘନ କରିଥିବାରୁ ସଂପୃକ୍ତ ଶ୍ରମିକର ଏଭଳି ଅବସ୍ଥା ହୋଇଥିବା ନେଇ ଅଭିଯୋଗ କରିଛନ୍ତି ମୃତକଙ୍କ ସାନ ଭାଇ ବାପି ପ୍ରଧାନ। ପୁଲିସ ପକ୍ଷରୁ ୨୬୬/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ କନଷ୍ଟ୍ରକସନ କମ୍ପାନୀର ଏଭଳି ସରକାରୀ ନୀତିନିୟମ ଉଲଙ୍ଘନର ତଦନ୍ତ ଦାବି ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ନିର୍ମାଣ କାର୍ଯ୍ୟ କରୁଥିବା କମ୍ପାନୀର ଯଦି ସଠିକ ତଦନ୍ତ କରାଯାଇଥାଆନ୍ତା ତା' ହେଲେ ଏଭଳି ଅବସ୍ଥା ହୋଇ ନ ଥାଆନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି।

## କାର୍ଯ୍ୟସ୍ଥଳକୁ ଯାଇ ଯୁବତୀ ନିଖୋଜ

ତ୍ରିଶୂଳିଆ,୨୮।୪(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ଫାଣ୍ଡି ଅଧୀନ ପଦ୍ମନାଭନଗର ଅଞ୍ଚଳରେ ଜଣେ ଯୁବତୀ ନିଖୋଜ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ବ୍ରାହ୍ମଣୀଗାଁ ଭୋଇ ସାହିର ଶରତ ଭୋଇଙ୍କ ଝିଅ ସୀମା ଭୋଇ (୨୧) ସୋମବାର ସକାଳେ ଏକ ଘରୋଇ ଆପାର୍ଟମେଣ୍ଟକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ଅପରାହ୍ନ ପରେ ବେଣ୍ଟକାର ପଡ଼ାସ୍ଥିତ ଏକ ମଣ୍ଡପ ନିକଟରୁ ତାଙ୍କ ସାଇକଲ୍ ମିଳିଥିବା ସୂଚନା ମିଳିଛି। ଯୁବତୀଙ୍କ ମୋବାଇଲ୍ ଫୋନ୍ ବନ୍ଦ ଥିବାରୁ ପରିବାର ଲୋକେ ବନ୍ଧୁବାନ୍ଧବ ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏହି ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତଦନ୍ତ ଆରମ୍ଭ କରିବା ସହ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଝିଅକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପରିବାର ପକ୍ଷରୁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରାଯାଇଛି।

## କନ୍ୟାଶ୍ରମ ପ୍ରତିଷ୍ଠାତାଙ୍କ ପରଲୋକ



ଚୌଦ୍ୱାର,୨୮।୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁରସ୍ଥିତ ପ୍ରସିଦ୍ଧ କନ୍ୟାଶ୍ରମ "ଭରସା'ର ପ୍ରତିଷ୍ଠାତା ତଥା ସମ୍ପାଦକ ଛବିଳ ନାୟକଙ୍କ (୬୦ ବର୍ଷ)ଙ୍କ ପରଲୋକ ହୋଇଯାଇଛି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ନାୟକ ନିଜର ସମଗ୍ର ଜୀବନ ଅସହାୟ ଶିଶୁ ଓ ବାଳିକାମାନଙ୍କ ସେବାରେ ଉତ୍ସର୍ଗ କରିଥିଲେ। ପ୍ରଥମେ ଫୁଲବାଣୀ ଓ ପରେ ମଙ୍ଗରାଜପୁରଠାରେ ଆଶ୍ରମ ପ୍ରତିଷ୍ଠା କରି ସେ ଅସହାୟଙ୍କ ପାଇଁ "ଭରସା' ସାଜିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ମଙ୍ଗରାଜପୁର ଗ୍ରାମ ପରିକ୍ରମା କରାଯିବା ପରେ ଆଶ୍ରମ ପରିସରରେ ଶେଷ ଦର୍ଶନ ପାଇଁ ରଖାଯାଇଛି। ଆସନ୍ତା ବୁଧବାର ଖ୍ରୀଷ୍ଟିୟ ରୀତିନୀତି ଅନୁଯାୟୀ ତାଙ୍କର ଶବ ସତ୍କାର କରାଯିବ। ତାଙ୍କ ବିୟୋଗରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ମାହାଙ୍ଗା ବ୍ଲକରେ ବଡ଼ ଆର୍ଥିକ ଜାଲିଆତି

# ୧୫ ଦିନରେ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ପୋର୍ଟାଲ ବାହାରେ କୋଟି କୋଟିର କାରବାର**
**ତତ୍କାଳୀନ ବିଡିଓଙ୍କ ବଢ଼ିବ ଅଡୁଆ**
**ସୂଚନା ଅଧିକାର ଆଇନ ଖୋଲିଲା ଗୁମର**
**ଯନ୍ତ୍ରୀ ଓ ଭେଣ୍ଡରଙ୍କୁ ମନଇଚ୍ଛା ଅର୍ଥ ପ୍ରଦାନ ଅଭିଯୋଗ**

ଭଦ୍ରେଶ୍ୱର,୨୮।୪(ସମିସ)

କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ପଞ୍ଚାୟତିରାଜ ବିଭାଗର ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ବ୍ୟାପକ ଆର୍ଥିକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ଏହି ଘଟଣାରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅଭିଯୋଗର ତଦନ୍ତ କରି ଆସନ୍ତା ୧୫ ଦିନ ମଧ୍ୟରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ତଦନ୍ତ ନିର୍ଦ୍ଦେଶ ପରେ ବ୍ଲକର ପ୍ରାକ୍ତନ ବିଡିଓ ଶୁଭାଶିଷ ପାଲଟା ଏବଂ ବର୍ତ୍ତମାନର ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ ଅଡୁଆ ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ସରକାରୀ ନିୟମ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗର ସମସ୍ତ ଆର୍ଥିକ କାରବାର 'ଇ-ଗ୍ରାମସ୍ୱରାଜ' ପୋର୍ଟାଲ ମାଧ୍ୟମରେ ପିଏଫଏମଏସ ଜରିଆରେ ହେବା ବାଧ୍ୟତାମୂଳକ। ମାତ୍ର ମାହାଙ୍ଗା ବ୍ଲକରେ କୋଟି କୋଟି ଟଙ୍କାର ପେମେଣ୍ଟକୁ ପୋର୍ଟାଲରେ ଅପଲୋଡ୍ କରା ନ ଯାଇ ଗୋପନରେ ମାନୁଆଲ୍ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ପୋର୍ଟାଲରେ ତଥ୍ୟ ଶୂନ୍ୟ ଥିବା ବେଳେ ଆରଟିଆଇ ବଳରେ ମିଳିଥିବା ସୂଚନା ସରକାରୀ ଅର୍ଥର ମନଇଚ୍ଛା କାରବାରର ଏକ ଭୟଙ୍କର ଚିତ୍ର ସାମ୍ନାକୁ ଆଣିଛି। ସୂଚନା ଅନୁଯାୟୀ, ଟାଟା ପାୱାର, ପେଟ୍ରୋଲ ପମ୍ପ, କେବୁଲ ନେଟୱର୍କ ଭଳି ଭେଣ୍ଡରଙ୍କ ସମେତ ବ୍ଲକର ଏକାଧିକ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ କୋଟି କୋଟି ଟଙ୍କା ପେମେଣ୍ଟ କରାଯାଇଛି। ସହକାରୀ ଯନ୍ତ୍ରୀ ଅମିତା ମଲିକ, ଜଗନ୍ନାଥ ପ୍ରସାଦ ବାରିକ, ମିରମ୍ବିକା ସାହୁ, ପ୍ରସନ୍ନ ବିଶ୍ୱାଳ, ଶୁଭଲକ୍ଷ୍ମୀ ଜେନା, ସାଗର ମଲିକ, ସୁବାଷ ଜେନା, ମୋନାଲିସା ମଲିକ ଏବଂ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା, ରଶ୍ମିତା ସିଂ, ସବିତା ପାତ୍ରଙ୍କ ନାମ ଏହି ତାଲିକାରେ ରହିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାଁରେ ଏହି ପେମେଣ୍ଟ ହୋଇଛି। ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମଲିକ ଏହି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ସଚିବ, ଅର୍ଥ ସଚିବ ଏବଂ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାକୁ ଓଡ଼ିଶାରେ "ବିରଳ ଦୁର୍ନୀତି" ବୋଲି ଆଖ୍ୟା ଦେଇଥିଲେ। ପୂର୍ବତନ ବିଡିଓ ଶୁଭାଶିଷ ପାଲଟାଙ୍କ ସମୟରୁ ଆରମ୍ଭ ହୋଇଥିବା ଏହି "ଅନ୍ଧାରୀ ବାଟ'ରେ ବର୍ତ୍ତମାନର ବିଡିଓ ମଧ୍ୟ ପରିଚାଳିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ଯୁଗ୍ମ ସଚିବଙ୍କ ଏହି କଡ଼ା ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେଉଁ ଅଧିକାରୀ ତଦନ୍ତ କରିବେ ଏବଂ ପ୍ରକୃତ ଦୋଷୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ବାରଙ୍ଗରେ ବାଲି ମାଫିଆଙ୍କ ଦାଦାଗିରି

**ଖଣି ଅଧିକାରୀଙ୍କ ଦ୍ୱାରସ୍ଥ ହେଲା ଟ୍ରକ ମାଲିକ ସଂଘ**



ତ୍ରିଶୂଳିଆ,୨୮।୪(ସମିସ): ବାରଙ୍ଗ ତହସିଲ ଅଞ୍ଚଳରେ ବାଲି ମାଫିଆଙ୍କ ବେଆଇନ କାର୍ଯ୍ୟକଳାପ ଓ ସରକାରୀ ନିୟମ ଉଲ୍ଲଙ୍ଘନ ଏବେ ଚରମ ସୀମାରେ ପହଞ୍ଚିଛି। ସରକାରୀ ଲିଜ୍ ପ୍ରାପ୍ତ ବାଲିଘାଟଗୁଡ଼ିକରେ ଲିଜଧାରୀମାନେ ନିୟମକୁ ଅଣଦେଖା କରି ମନମାନି ଭାବେ ବାଲି ଉଠାଣ କରୁଥିବା ନେଇ ବାରଙ୍ଗ ଟ୍ରକ ମାଲିକ ସଂଘ ପକ୍ଷରୁ କଟକ ଜିଲ୍ଲା ଖଣି ଅଧିକାରୀଙ୍କ ନିକଟରେ ଗୁରୁତର ଅଭିଯୋଗ ହୋଇଛି। ସଂଘର ଅଭିଯୋଗ ଅନୁସାରେ, ଲିଜଧାରୀମାନେ ବାଲି ଟ୍ରକଗୁଡ଼ିକୁ ଆବଶ୍ୟକ 'ଟ୍ରାଞ୍ଜିଟ୍ ପାସ୍' ପ୍ରଦାନ କରୁନାହାନ୍ତି, ଫଳରେ ବିନା ପାସରେ ଯାଉଥିବା ଗାଡ଼ିଗୁଡ଼ିକୁ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ଜରିମାନା କରାଯାଉଛି। ଲିଜଧାରୀଙ୍କ ଅନିୟମିତତା ଯୋଗୁଁ ଟ୍ରକ ମାଲିକ ଓ ଚାଳକମାନେ ଆର୍ଥିକ କ୍ଷତି ସହ ନିର୍ଯାତନାର ସମ୍ମୁଖୀନ ହେଉଥିବା ବେଳେ ବେଆଇନ ବାଲିଘାଟର ଲିଜ ବାତିଲ କରିବାକୁ ସଂଘ ଦାବି କରିଛି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବାରଙ୍ଗ ଟ୍ରକ ମାଲିକ ସଂଘ ରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ପିକ୍‌ଅପ୍‌କୁ ଧକ୍କାଦେଇ ଓଲଟିଲା ବସ୍

**● ଅଳ୍ପକେ ବର୍ତ୍ତିଲେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ**

ଟାଙ୍ଗୀ,୨୮।୪(ସମିସ): ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ଥାନା ପଶୁପତି ଗଡ଼ା ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଭୟାଭୟ ସଡ଼କ ଦୁର୍ଘଟଣା ଘଟିଯାଇଛି। ଯାଜପୁର ସିଂହପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା 'ଚକାନୟନ' ଯାତ୍ରୀବାହୀ ବସ୍ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଏକ ଦାନା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କା ଦେଇ ଓଲଟି ପଡ଼ିଛି। ସୌଭାଗ୍ୟବଶତଃ ବସରେ ଥିବା ୩୦ରୁ ଅଧିକ ଯାତ୍ରୀ ସୁରକ୍ଷିତ ଥିବା ବେଳେ ୪-୫ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ପିକ୍‌ଅପ୍ ଚାଳକ ଗାଡ଼ିଟିକୁ ରଖି ଚାଲାଣ ପାଇଁ ଅଫିସକୁ ଯାଇଥିବାରୁ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଟାଙ୍ଗୀ ପୁଲିସ ଓ ରାଜପଥ ପାଟ୍ରୋଲିଂ ଟିମ୍ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ତେବେ ରାଜପଥ ପାଶ୍ୱର୍ରେ ଅସମ୍ଭାଳ ଭାବେ ଟ୍ରକ ଓ ଅନ୍ୟାନ୍ୟ ଗାଡ଼ି ଛିଡ଼ା ହେଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ଏବଂ ଏଥିପାଇଁ ଜାତୀୟ ରାଜପଥ ବିଭାଗର ଅବହେଳା ଦାୟୀ ବୋଲି ସାମାଜିକ କର୍ମୀ ଆକାଶ ପାତ୍ର ଅଭିଯୋଗ କରିଛନ୍ତି।



## କିଟ୍ ବିଶ୍ୱବିଦ୍ୟାଳୟ ଓ ପିପି ମହାବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର




ନିଶ୍ଚିନ୍ତକୋଇଲି,୨୮।୪(ସମିସ): ଶିକ୍ଷା, ଗବେଷଣା ଓ ଭବିଷ୍ୟତ ନେତୃତ୍ୱ ଗଠନ ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ଓ ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ସମେତ ଉଭୟ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସମ୍ପାଦିତ ହୋଇଛି। ଦୁଇ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୁକ୍ତ ଗବେଷଣା, ପ୍ରକାଶନ, ପେଟେଣ୍ଟ କାର୍ଯ୍ୟ ଏବଂ ଛାତ୍ର-ଶିକ୍ଷକ ବିନିମୟ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବ। ବିଶେଷକରି ଗ୍ରାମୀଣ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚକୋଟୀର ଗବେଷଣା ସୁଯୋଗ ଓ ମେଣ୍ଟରିଂ ଯୋଗାଇଦେବା ପାଇଁ ଏହି ସହଯୋଗ ଅଭିନବ ପଦକ୍ଷେପ ହେବ। ଏହି ଅବସରରେ 'ପରବର୍ତ୍ତୀ ପିଢ଼ିର ନେତୃତ୍ୱ ଗଠନ' ଶୀର୍ଷକରେ ଏକ ଗୋଲଟେବୁଲ୍ କନଫରେନ୍ସ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବୁଝାମଣା ଦ୍ୱାରା ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀ କିଟ୍‌ର ପୁସ୍ତକାଳୟ ଓ ପରୀକ୍ଷାଗାର ଭଳି ଅତ୍ୟାଧୁନିକ ସୁବିଧାର ସୁଯୋଗ ପାଇପାରିବେ ବୋଲି ଶିକ୍ଷାବିତ୍ ମହଲରେ ଆଶା ପ୍ରକାଶ ପାଇଛି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆୟୁର୍ବେଦିକ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

ତ୍ରିଶୂଳିଆ,୨୮।୪(ସମିସ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଆୟୁର୍ବେଦିକ ଚିକିତ୍ସାଳୟର ସେବିକା ଗୃହରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସର୍ଟସର୍କିଟ ଯୋଗୁଁ ଏହି ନିଆଁ ଲାଗିଥିବା ସନ୍ଦେହ କରାଯାଉଥିବା ବେଳେ ଏଥିରେ ଗୃହରେ ଥିବା ଫର୍ଣ୍ଣିଚର, ବିଭିନ୍ନ ବୈଦ୍ୟୁତିକ ଉପକରଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ମାତ୍ରେ ସେଠାରେ ଥିବା କର୍ମଚାରୀମାନେ ଭୟଭୀତ ହୋଇ ବାହାରକୁ ପଳାଇ ଆସିଥିଲେ। ବାରଙ୍ଗ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୌଭାଗ୍ୟବଶତଃ ଅଗ୍ନିଶମ ବାହିନୀର ସମୟୋଚିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି ଏବଂ କୌଣସି ଜୀବନହାନି ଘଟିନାହିଁ। ଏହି ଘଟଣା ପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ବିଦ୍ୟୁତ୍ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ସିପିଆଇ-ଏମ୍‌ର ବିଶାଳ ଗଣଧାରଣା




ଟାଙ୍ଗୀ,୨୮।୪(ସମିସ): ଟାଙ୍ଗୀ-ଚୌଦ୍ୱାର ସିପିଆଇ (ଏମ୍) ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଜନହିତକର ଦାବି ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ, ଭୂମିହୀନଙ୍କୁ ଘରଡିହ ଏବଂ ଆଦିବାସୀ ବସ୍ତିଗୁଡ଼ିକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଦାବିରେ ଶତାଧିକ ଆଦିବାସୀ କରଞ୍ଜି ପଞ୍ଚାୟତରୁ ଦୀର୍ଘ ୧୫ କିଲୋମିଟର ପଦଯାତ୍ରା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କମିଟି ସମ୍ପାଦକ ରମେଶ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାଧାରଣ ସଭାରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଯୋଗଦେଇ ସରକାରଙ୍କ ଆଦିବାସୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ପରେ ଏକ ପ୍ରତିନିଧିମଣ୍ଡଳୀ ଉପଜିଲ୍ଲାପାଳ ଦିବ୍ୟରଞ୍ଜନ ଦେଓ ଓ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ବିକାଶ ସମନ୍ୱୟ ଓ ତଦାରଖ କମିଟି ବୈଠକ

**ଦର୍ଶନୀୟ ସ୍ଥାନ ଓ ମନ୍ଦିର ଉନ୍ନତୀକରଣ ସହ ସଂଯୋଗୀକରଣ ରାସ୍ତା ନିର୍ମାଣକୁ ଗୁରୁତ୍ୱ**

କଟକ,୨୮।୪(ସମିସ)



ଜିଲ୍ଲା ପ୍ରଶାସନ ପକ୍ଷରୁ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ମେୟର ସୁବାସଚନ୍ଦ୍ର ସିଂ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାରବାଟୀ-କଟକ ବିଧାୟିକା ଙ୍କ ସୋଫିଆ ଫିରଦୋସ, କଟକ-ସଦର ବିଧାୟକ ଙ୍କ ପ୍ରକାଶ ଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଆଲୋଚନା କରିଥିଲେ।

ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ରେଳ ପ୍ରକଳ୍ପ, ଡ୍ରେନେଜ ବ୍ୟବସ୍ଥା, ନୂତନ ସେତୁ ନିର୍ମାଣ, ନୂତନ ସଡ଼କ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ ସମ୍ପର୍କିତ ବିଷୟରେ ଗଭୀର ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗମାନଙ୍କୁ ଯଥା ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ମହାପୁରୁଷ ପୀଠ, ଦର୍ଶନୀୟ ସ୍ଥାନ ଓ ମନ୍ଦିର ଗୁଡିକର ଉନ୍ନତିକରଣ ସହିତ ସେଠାକୁ ସଂଯୋଗ କରୁଥିବା ରାସ୍ତାର ମରାମତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ସହ (କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ) ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ଥିବା ୧୧୦ କିମି ରାସ୍ତା ନିର୍ମାଣ କାର୍ଯ୍ୟକାରୀ ହେବା ପରେ ଜିଲ୍ଲାର ଅଧିବାସୀ ଉପକୃତ ହେବା ସହ ଭୁବନେଶ୍ୱର ଓ କଟକ ସହରକୁ ଘେରିଥିବା ମୁଖ୍ୟ ରାସ୍ତାମାନଙ୍କରେ ଟ୍ରାଫିକ ସମସ୍ୟା ବହୁ ମାତ୍ରାରେ କମିବ ବୋଲି ସାଂସଦ ଶ୍ରୀ ମହତାବ ମତ ପ୍ରକାଶ କରିଛନ୍ତି। ବୈଠକରେ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ ଏବଂ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା,କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାଶ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ ସାହୁଙ୍କ ସମେତ ଆଠଗଡ ଓ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ବିଭିନ୍ନ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ସ୍ଥାନୀୟ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଓଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ

**● ଉନ୍ମୋଚିତ ହେଲା ବିଶେଷାଙ୍କ 'ଗୁଣ୍ଠୁଚିର ସେତୁବନ୍ଧ'**

କଟକ,୨୮।୪(ସମିସ): କଟକ ମହାନଗର ନିଗମର ୫୭ ନମ୍ବର ୱାର୍ଡ ଅନ୍ତର୍ଗତ ଗୋପାଳପୁରସ୍ଥିତ ଓଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର ମୁଖ୍ୟଅତିଥି ଭାବେ କହିଥିଲେ ଯେ ସଫଳତା ପାଇବା ଅପେକ୍ଷା ସଫଳତା ପାଇବା ପାଇଁ ଆପଣାଇଥିବା ପଥ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଜୀବନରେ ଗୁରୁମା-ଗୁରୁଜୀଙ୍କ ଅବଦାନକୁ କେବେ ଭୁଲିବା ଉଚିତ୍ ନୁହେଁ। ଆଧ୍ୟାତ୍ମିକ ସ୍ତମ୍ଭକାର ଇ. ଶ୍ରୀ ସନ୍ନ୍ୟାସୀଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସିଏମସି ଡେପୁଟି ମେୟର ଦମୟନ୍ତୀ ମାଝୀ ଓ ସ୍ଥାନୀୟ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ୨୫ ବର୍ଷର ସଫଳ ଯାତ୍ରା ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ରଜତ ଜୟନ୍ତୀ ବିଶେଷାଙ୍କ "ଗୁଣ୍ଠୁଚିର ସେତୁବନ୍ଧ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ପାଦିକା ଅରୁଣିମା ମହାନ୍ତିଙ୍କ ଅତିଥି ପରିଚୟ ଓ ପ୍ରଧାନାଚାର୍ଯ୍ୟା ସୁମନ୍ତିକା ମହାନ୍ତିଙ୍କ ବାର୍ଷିକ ବିବରଣୀ ପାଠ ପରେ କୃତୀ ଛାତ୍ରଛାତ୍ରୀ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଜୀ ମନୋଜ ଶତପଥୀ ଧନ୍ୟବାଦ ଦେଇଥିବା ବେଳେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



